# Akashvani, Sambalpur

## SAMBALPURI NEWS BULLETIN

### 5 November 2024- 6.47- 6.52 am.

**********************************************

ହିନ୍ଦୀ ଅନୁବାଦ୍ କେନ୍ଦ୍ର ପ୍ରତିଷ୍ଠା- ମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା ନ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ୍ ଥାପ୍‌ନା ସହେତେ ଓଡ଼ିଆ- ହିନ୍ଦୀ ଅନୁବାଦ୍ କେନ୍ଦ୍ର ପ୍ରତିଷ୍ଠା ଆର୍ ଓଡ଼ିଆ ଭାଷାଥି ଅନୁସନ୍ଧାନ୍ ଆର୍ ଗବେଷଣା ଲାଗି ଗୁଟେ ଇଂଟର୍ ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଥାପ୍‌ନା ଲାଗି ଦାବି କରିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଅଧ୍ୟକ୍ଷତାଥି କେନ୍ଦ୍ରୀୟ ହିନ୍ଦୀ ସମିତିର୍ ବୈଠକ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ଅଏତ୍‌କା ହିନ୍ଦୀ ଶିକ୍ଷକ୍ ସୃଷ୍ଟି ଆର୍ ହିନ୍ଦୀ ସାହିତ୍ୟକେ ତହଁକାବାର୍ ଲାଗି ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ୍‌ର ଦର୍‌କାର୍ ରହିଛେ । ସେନ୍ତା ଓଡ଼ିଆ ଆଉ ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଦୁହି ଭାଷାର୍ ସାହିତ୍ୟ କୃତି ଆଉ ଅଲ୍‌ଗା ଲେଖା ମାନ୍‌କର୍ ଅନୁବାଦ୍ ଦର୍‌କାର୍ ଅଛେ । ସେଥିର୍‌ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ରାଜଭାଷା ବିଭାଗ୍‌ର ଆର୍ଥିକ୍

ସାହାଜ୍‌ଥି ସ୍ୱତନ୍ତ୍ର ଅନୁବାଦ୍ କେନ୍ଦ୍ର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ପ୍ରସ୍ତାବ୍ ଦେଇଛନ୍ । ହିନ୍ଦୀ ଆର୍ ଓଡ଼ିଆ ଭାଷା ଆଉ ସାହିତ୍ୟ ଭିତ୍‌ରେ ଅଏତ୍‌କା ସାଂସ୍କୃତିକ୍ ବିନିମୟ ଲାଗି ଜାତୀୟ ଆଉ ରାଜ୍ୟସ୍ତର୍ ନ ଅଏତ୍‌କା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ କରାଯିବାର୍ ଦର୍‌କାର୍ ଅଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଧାନ୍ ଘିନା ବୈଠକ୍- ଉପମୁଖ୍ୟମନ୍ତ୍ରୀ     ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଧାନ୍ ସଂଗ୍ରହ ବାବ୍‌ଦେ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଧାନ୍‌ଘିନା ପ୍ରକ୍ରିୟାକେ ସ୍ୱଚ୍ଛ ଆର୍ ସରଲ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । କେନ୍‌ସି ପ୍ରକାର୍‌ର ଅସୁବିଧା ହେଲେ ଚାଷୀମାନେ ଟୋଲ୍‌ଫ୍ରି ନମ୍ବର୍ ୧୯୬୭ କେ ଫୋନ୍ କରିପାର୍‌ବେ । ଆଘର୍ ବଛର୍‌ନୁ ଇ ବଛର୍ ୩୦ ଟା ସିଟ୍ ଥିବା କଲ୍ ସେଂଟର୍ ଖୁଲାଯାଇଛେ ।  ଧାନ୍ ଘିନା କାମ୍‌କେ ଦଲାଲ୍ ମୁକ୍ତ କର୍‌ବାର୍ ଲାଗି ଯାଂଚ୍ ବ୍ୟବସ୍ଥାକେ କଡ଼ାକଡ଼ି କରାଯିବାର୍ ସହେତେ ଦୋଷୀଙ୍କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍

ନିଆଯିବା ବଲି ବୈଠକ୍‌ଥି ଥିର୍ କରାଯାଇଛେ । ଇତାର୍‌ସହେତେ ମିଲର୍ ମାନ୍‌କର୍ ସମସ୍ୟା ଆର୍ ଦାବି ବିଷେ ଭିଲ ଆଲୋଚନା କରାଯାଇଥିଲା ।

ଓମ୍‌ଫେଡ୍‌ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଓମ୍‌ଫେଡ୍‌ ଆଏବା ୨ ମାସ୍ ଭିତ୍‌ରେ ଆହୁରି ୨ ଲାଖ୍ ଲିଟର୍ ଗୁରସ୍ ଘିନ୍‌ବା ଆର୍ ବିକ୍ରି କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଗଲାକାଏଲ୍ ଓମ୍‌ଫେଡ୍‌ର ପରିଚାଲନା ନିର୍ଦ୍ଦେଶକ୍ ବିଜୟ ଅମୃତା କୁଲାଙ୍ଗେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରାଜ୍ୟସ୍ତରୀୟ ବୈଠକ୍‌ଥି ଗ୍ରାମାଂଚଲ୍‌ର ଗ୍ରାହକ୍‌ମାନ୍‌କୁ ଓମ୍‌ଫେଡ୍‌ ଗୁଣାତ୍ମକ ଦୁଗ୍ଧଜାତୀୟ ଦରବ୍ ଯୁଗାବାର୍ ଲାଗି ପଂଚାୟତ୍‌ସ୍ତର୍ ନ ପହେଲା ଖେପେ ୨୦ ଟା ଖିରଧାରା ଖୁଲ୍‌ବାର୍‌କେ ଥିର୍ କରାଯାଇଛେ । ଲୁକଙ୍କର୍ ଚାହିଦାକେ ଦେଖିକରି ଆଏବା ଦିନେ ଅଲ୍‌ଗା ପଂଚାୟତ୍‌ମାନ୍‌କେ ଭିଲ୍ ଇ ଖିରଧାରା ଖୁଲାଯିବା ।

ରାଜ୍ୟପାଲ ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁବ ଉଦ୍ୟୋଗୀମାନ୍‌କର୍ ଲାଗି ଓଡ଼ିଶା ଗୁଟେ ଦକ୍ଷତା ଭିତିକ ହବ୍ ହେଇଛେ ବଲି ରାଜ୍ୟପାଲ୍ ରଘୁବର୍ ଦାସ କହିଛନ୍ । ବିଜୁ ପଟ୍ଟନାୟକ୍ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫୁଁ ହେଇଥିବା ବିପିୟୁଟି ଟେକ୍ କାର୍ନିଭାଲ୍ - ୨୦୨୪ କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍ ଯେ, ଯୁବପିଢ଼ିକେ ଦକ୍ଷ କର୍‌ବାର୍, ସେମାନ୍‌କୁ ନିଯୁକ୍ତି ଦେବାର୍ ଆଉ ଓଡ଼ିଶାକେ ବିଶ୍ୱ ଦକ୍ଷତା ରାଜ୍‌ଧାନୀ କର୍‌ବାର୍ ଲାଗି ରାଜ୍ୟ ଦେଶ୍ ସାଙ୍ଗେ କାମ୍ କରୁଛେ । ହେଲେ ଛାତ୍ରଛାତ୍ରୀମାନ୍‌କୁ ଖାଲି ସେମାନ୍‌କର୍ ବୈଷୟିକ ଦକ୍ଷତାର୍ ବିକାଶ୍ କର୍‌ବାର୍ ସହେତେ ଦଳଗତ କାମ୍ ଆର୍ ଚିନ୍ତାଧାରା ବାଗିର୍ ଜରୁରୀ କୌଶଲ୍‌ର ଭିଲ୍ ବିକାଶ୍ କର୍‌ବାର୍‌କେ ପଡ଼୍‌ବା ବଲି ରାଜ୍ୟପାଲ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ବୈଷୟିକ ଶିକ୍ଷା ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ୍ ଦେଇକରି ସର୍‌କାର୍ ବୈଷୟିକ ଶିକ୍ଷାକେ ଅଗ୍ରାଧିକାର୍ ଦଉଛନ୍ ବଲି କହିଥିଲେ । ଇ ଅବ୍‌ସରେ ବିପୟୁଟି ଆର୍ ଜାତୀୟ ଗବେଷଣା ବିକାଶ୍ ପ୍ରତିଷ୍ଠାନ୍ ଭିତ୍‌ରେ ଗୁଟେ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଥିଲା ।

ରାଜ୍ୟ ନିରୀକ୍ଷଣ୍ ୟୁନିଟ୍ ସମ୍ବର୍ଦ୍ଧିତ ଆର୍‌ଏନ୍‌ୟୁ / ସମ୍ବଲପୁର

ଜନସ୍ୱାସ୍ଥ୍ୟ ନିରୀକ୍ଷଣ୍‌ଥି ଉଲ୍ଲେଖନୀୟ କାମ୍ ଲାଗି ରାଜ୍ୟ ନିରୀକ୍ଷଣ୍ ୟୁନିଟ୍‌କେ ସମ୍ବର୍ଦ୍ଧିତ କରାଯାଇଛେ । ନୂଆଦିଲ୍ଲୀ ଠାନେ ହେଇଥିବା ଆଇଡିଏସ୍‌ପି ର ଗୁଟେ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଜନସ୍ୱାସ୍ଥ୍ୟ ବିଭାଗ୍‌ର ଅତିରିକ୍ତ ନିର୍ଦ୍ଦେଶକ୍ ଡକ୍ଟର୍ ପ୍ରମିଳା ବରାଳ ଆଉ ଯୁଗ୍ମ ନିର୍ଦ୍ଦେଶକ ଆର୍ ଏସ୍.ଏସ୍.ଓ.ଆଇ.ଡି.ଏସ୍.ପି. ଡକ୍ଟର୍ ଅଶୋକ୍ କୁମାର୍ ପାଇକରାୟ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟର୍ ବରିଷ୍ଠ ଅଧିକାରୀଙ୍କର୍‌ନୁ ଇ ସମ୍ମାନ୍ ଗ୍ରହଣ୍ କରିଛନ୍ ।

ରାଜ୍ୟ ନିରୀକ୍ଷଣ ୟୁନିଟ୍ - ବନ୍ୟା, ବାତ୍ୟା ଆଉ ବିପର୍ଯ୍ୟୟ ସମିଆଥି ୨୪ ଘଂଟିଆ କାମ୍ କରିକରି ଭିନ୍ ଭିନ୍ ବେମାରୀକେ ଠିକ୍ ସମିଆଥି ଚିହ୍ନଟ୍ କର୍‌ବାର୍ ସହେତେ ସେସବୁର୍ ମୁକାବିଲା ସୁନିଶ୍ଚିତ୍ କର୍‌ସି ।

ନଜ୍ ଫାଉଣ୍ଡେସନ-ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ନଜ୍ ପ୍ରତିଷ୍ଠାନ୍‌ର ପରିଚାଳନା ନିର୍ଦ୍ଦେଶକ ଭି. ଶ୍ରୀରାମ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ନ ଭେଟିକରି ଆଲୋଚନା କରିଛନ୍ । ନଜ୍ ଫାଉଣ୍ଡେସନ୍ ଦାଦନ୍

ଶ୍ରମିକ୍‌ମାନ୍‌କର୍ ସାଙ୍ଗେ ସିଧାସଲଖ୍ ଜୁଡ଼ି ହେଇକରି ସେମାନ୍‌କର୍ ଦକ୍ଷତା ଅନ୍‌ସାରେ ଆୟପନ୍ଥା ଯୁଗାବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସଙ୍ଗେ ମିଶିକରି କାମ୍ କର୍‌ବାର୍‌କେ ଆଗ୍ରହୀ ବଲି ସେ ପ୍ରସ୍ତାବ୍ ଦେଇଥିଲେ । ସାକ୍ଷାତ୍ ଆଲୋଚନା ସମିଆଥି ପଂଚାୟତିରାଜ ଆଉ ପାନୀୟ ଜଳ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସୁଶୀଲ୍ କୁମାର୍ ଲୋହାନି ଆର୍ ନଜ୍ ପ୍ରତିଷ୍ଠାନର ସିଇଓ ଆର୍ ଫାଉଣ୍ଡର୍ ଅତୁଲ୍ ସତ୍‌ଜିଆ ଉପସ୍ଥିତ୍ ଥିଲେ ।

ପାଓ୍ୱାର୍‌କଟ୍            ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ସହରର୍ କେତେଟା ଇଲାକା  ନ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ବାର୍ଷିକ ରକ୍ଷଣାବେକ୍ଷଣ୍ ଲାଗି ଆଏଜ ସଖାଲର୍ ସାଢ଼େ ୭ ବଜେନୁ ଉପର୍‌ବେଲା ୫ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା । ଅଇଁଠାପାଲି, କ୍ଷେତରାଜ୍‌ପୁର୍, ରେମେଡ୍, ବୁଢ଼ାରଜା, ବଡ଼ସଡ଼କ୍, ରେଙ୍ଗାଲି, ଧନୁପାଲି, ମୁଦିପଡ଼ା, ପେନ୍‌ସନ୍‌ପଡ଼ା, ସୁନାପାଲି ଏରିଆ ନ ବିଜ୍‌ଲି କାଟ୍ ହେବା ବଲି ଓପିଟିସିଏଲ୍ ତର୍‌ଫୁ ସୂଚନା ଦିଆଯାଇଛେ ।

ପାଣିପାଗ            ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୧୫ ତାରିଖ୍ ଉତ୍ରୁ ଥଣ୍ଡା ବଢ଼୍ବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ । ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଲଗାତାର୍ ଥଣ୍ଡା ଆର୍ ଶୁଖା ପବନ୍ ବହେବାର୍ଟା ବଢୁଥିବାର୍ନୁ ଇ ତାପମାତ୍ରା କମ୍ବା । ଏଛେନ୍ ରାଜ୍ୟର୍ କେତେଟା ଜାଗା ନ ରାତିର୍ ତାପମାତ୍ରା କମୁଛେ । ଗଲାକାଏଲ୍ ଫୁଲ୍ବାଣୀ ନ ତାପମାତ୍ରା ୧୭ ଡିଗ୍ରୀ ସେଲ୍ସିଅସ୍ ଥିବାର୍ ବେଲେ ସୁନ୍ଦର୍ଗଡ଼୍ ନ ୧୭ ଦଶ୍ମିକ୍ ୨ ଆର୍ ଝାର୍ସୁଗୁଡ଼ା ନ ୧୭ ଦଶ୍ମିକ୍ ୪ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ ।